# ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ବର -751009
ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in

## ବିଜ୍ଞାପନ

ସଂଖ୍ୟା : IIE-21/2016-**1398**(C)/OSSSC ତାରିଖ-22.12.2017

## "ୱାର୍ଡର" ପଦବୀର ପ୍ରାର୍ଥୀ /ପ୍ରାର୍ଥିନୀ ଚୟନ ନିମନ୍ତେ ଅନ୍ ଲାଇନ୍ ଦରଖାସ୍ତ ଆହ୍ବାନ

ଓଡିଶା ସରକାରଙ୍କ ଗୃହ ବିଭାଗ ଅଧିନସ୍ଥ ବିଭିନ୍ନ ମଣ୍ଡଳର ଜେଲ ଗୁଡିକରେ ଖାଲିଥିବା ମୋଟ **238 ଟି "ୱାର୍ଡର"** ପଦବୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ **ପ୍ରାର୍ଥୀ/ପ୍ରାର୍ଥିନୀ** ଚୟନ ପାଇଁ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ/OSSSC, ଭୁବନେଶ୍ବର ଅନ୍ ଲାଇନ୍ /online ଦରଖାସ୍ତ ଆହ୍ବାନ କରୁଛନ୍ତି । ଏହି ମଣ୍ଡଳ ସ୍ତରୀୟ ପଦବୀ ଗୁଡିକର ସଂରକ୍ଷଣ ବର୍ଗୱାରି ତାଲିକା, ପଦବୀର ଦରମାହାର ତଥା ପାରିଶ୍ରମିକ, ବୟସ ସୀମା, ଶିକ୍ଷାଗତ ଓ ସାଧାରଣ ଯୋଗ୍ୟତା, ଦରଖାସ୍ତ କରିବା ପ୍ରଣାଳୀ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀର ସବିଶେଷ ତଥ୍ୟ ଏହି ଆୟୋଗଙ୍କ ବିଜ୍ଞାପନ **ସଂଖ୍ୟା- IIE-21/2016-1397(C)/OSSSC ତାରିଖ-22.12.2017ରେ** ଉଭୟ ଇଂରାଜୀ ଓ ଓଡିଆ ଭାଷାରେ OSSSC Website: www.osssc.gov.in ରେ ଉପଲବ୍ଧ କରାଯାଇଅଛି । ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉକ୍ତ websiteକୁ ଯାଇ ନାମ ପଞ୍ଜୀକରଣ/ପୁନଃ ପଞ୍ଜୀକରଣ କରି online ଦରଖାସ୍ତ କରିପାରିବେ । ଆବେଦନ ପତ୍ର କେବଳ ଅନ୍ ଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ । ଉକ୍ତ ପରୀକ୍ଷାପାଇଁ ଅନୁସୂଚୀତ ଜାତି / ଜନଜାତି ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକାରୀଙ୍କୁ ୧୦୦ ଟଙ୍କା (ଏକଶତ ଟଙ୍କା) ମାତ୍ର ପରୀକ୍ଷା ଫି ଦାଖଲ କରିବାକୁ ପଡିବ। ଉପରୋକ୍ତ ୱେବସାଇଟ୍ ରେ ତାରିଖ **27.12.2017** ଠାରୁ ତାରିଖ **01.02.2018** ପର୍ଯ୍ୟନ୍ତ ଅନ୍ ଲାଇନ୍ ଆବେଦନ ପତ୍ର ଉପଲବ୍ଧ ହେବ । Online ପରୀକ୍ଷା ଫି ଦାଖଲର ଶେଷ ତାରିଖ **25.01.2018** ଏବଂ ଟ୍ରେଜେରୀ ଚାଲାଣ ଜରିଆରେ ଫି ପଇଠ ସହିତ ଦରଖାସ୍ତ ଦାଖଲର ଶେଷ ତାରିଖ **01.02.2018** ପର୍ଯ୍ୟନ୍ତ ରଖାଯାଇଅଛି । ଉପରୋକ୍ତ ସମୟସୀମା ପରେ ଏହି ପ୍ରକ୍ରିୟା ସ୍ୱୟଂକ୍ରିୟ ଭାବେ ବନ୍ଦ ହୋଇଯିବ । ଅସମ୍ପୂର୍ଣ୍ଣ ଅନ୍ ଲାଇନ୍ ଦରଖାସ୍ତ କିମ୍ବା କାଗଜ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ସମୟ ସୀମାପରେ ପ୍ରାପ୍ତ ଦରଖାସ୍ତ ଅଗ୍ରାହ୍ୟ ହେବ । ପୂରଣ ହେବାକୁ ଥିବା ପଦବୀ ସଂଖ୍ୟା ପରିବର୍ତ୍ତନ ହୋଇପାରେ । ଉକ୍ତପଦବୀ ପାଇଁ **ଶାରୀରିକ ମାନ ଓ ଦକ୍ଷତା ପରୀକ୍ଷା ଆପାତତଃ ତାରିଖ 18.02.2018** ଏବଂ **ଲିଖିତ ପରୀକ୍ଷା ଆପାତତଃ ତାରିଖ 18.03.2018** ରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ । ସବିଶେଷ ବିବରଣୀ ପାଇଁ ଆୟୋଗଙ୍କ ୱେବସାଇଟ-www.osssc.gov.inକୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିୟମିତ ନିରୀକ୍ଷଣ କରିପାରିବେ ।

**ଆୟୋଗଙ୍କ ଆଦେଶମତେ**

୨୨|୧୨|୧୭
**ସଚିବ**

ସ୍ମାରକ ସଂଖ୍ୟା-**1399**(C)/OSSSC ତାରିଖ: -22.12.2017.
ଏହାର ଏକକିତା ନକଲ ଓ ଏସ୍ ଏସ୍ ଏସ୍ ସି କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

୨୨|୧୨|୧୭
ସଚିବ
ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ବର

ସ୍ମାରକ ସଂଖ୍ୟା-**1400**(C)/OSSSC ତାରିଖ:-22.12.2017.
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବାକୁ ଅନୁରୋଧ କରି ଏହାର ଏକକିତା ନକଲ ସମସ୍ତ ଜିଲ୍ଲାପାଳଙ୍କୁ ପ୍ରେରଣ କରାଗଲା ।

୨୨|୧୨|୧୭
ସଚିବ
ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ବର

ସ୍ମାରକ ସଂଖ୍ୟା-**1401**(C)/OSSSC ତାରିଖ:-22.12.2017.
ଏହାର ଏକକିତା ନକଲ ଅତିରିକ୍ତ ମହାନିର୍ଦ୍ଦେଶକ, କାରାଗାର ଓ ସୁଧାରକ ସେବା, ଓଡିଶା, ଭୁବନେଶ୍ବର ଏବଂ ଅନୁସଚିବ, ଗୃହ ବିଭାଗ, ଓଡିଶା, ଭୁବନେଶ୍ବରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୨|୧୨|୧୭
ସଚିବ
ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ବର

ସ୍ମାରକ ସଂଖ୍ୟା-**1402**(C)/OSSSC ତାରିଖ:-22.12.2017.

ଓଡ଼ିଶା ସରକାରଙ୍କ ୱେବସାଇଟ www.odisha.gov.in ରେ ଆଜିଠାରୁ ଏହି ବିଜ୍ଞାପନକୁ ଉପଲବ୍ଧ କରିବାକୁ ମୁଖ୍ୟ କର୍ତ୍ତୃପକ୍ଷ ଆଇଟି ପୋର୍ଟାଲ୍ ସେଣ୍ଟର ସଚିବାଳୟ, ଓଡ଼ିଶା, ଭୁବନେଶ୍ୱରଙ୍କୁ ପଠାଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର

ସ୍ମାରକ ସଂଖ୍ୟା-**1403**(C)/OSSSC ତାରିଖ:-22.12.2017.

ସମଗ୍ର ଓଡ଼ିଶାରେ ପ୍ରସାରିତ ଦୁଇଟି ଅଗ୍ରଣୀ ଓଡ଼ିଆ ଦୈନିକ ଖବର କାଗଜରେ ମିତବ୍ୟୟିତା ଅବଲମ୍ବନକରି ସରକାରଙ୍କ ଅନୁମୋଦିତ ଦରରେ ଏହି ବିଜ୍ଞାପନକୁ ପ୍ରକାଶନ କରିବାକୁ ଅନୁରୋଧକରି ନିର୍ଦ୍ଦେଶକ, ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ, ଓଡ଼ିଶାଙ୍କ ନିକଟକୁ ଏହାର ଏକକିତା ନକଲ ପ୍ରେରଣ କରାଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର

ସ୍ମାରକ ସଂଖ୍ୟା-**1404**(C)/OSSSC ତାରିଖ:-22.12.2017.

ଏହି ବିଜ୍ଞାପନର ଏକକିତା ନକଲ ଡେପୁଟି ଡାଇରେକ୍ଟର (ଜେନେରାଲ), ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର

ସ୍ମାରକ ସଂଖ୍ୟା-**1405**(C)/OSSSC ତାରିଖ:-22.12.2017.

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଭୁବନେଶ୍ୱରଙ୍କ ୱେବସାଇଟ www.osssc.gov.in ରେ ଆଜିଠାରୁ ପ୍ରକାଶନପାଇଁ ଏହି ବିଜ୍ଞାପନ ସହିତ ଉଭୟ ଇଂରାଜୀ ଏବଂ ଓଡ଼ିଆରେ ପ୍ରସ୍ତୁତ ବିସ୍ତୃତ ବିଜ୍ଞାପନର ଏକକିତା ଲେଖାଏଁ ନକଲ ସିଡ଼ି ଜରିଆରେ ପିଡିଏଫ୍ ଫର୍ମାଟ୍ ରେ ଶ୍ରୀ ଅନୁରାଗ ପ୍ରସାଦ, ବୈଜ୍ଞାନିକ-ଏଫ୍, ଓ ଏସ୍ ଏସ୍ ଏସ୍ ସି ବୈଷୟିକ ପରାମର୍ଶଦାତା, ଜାତୀୟ ସୂଚନାକେନ୍ଦ୍ର, ଭୁବନେଶ୍ୱରଙ୍କ ପାଖକୁ ପ୍ରେରଣ କରାଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର

ସ୍ମାରକ ସଂଖ୍ୟା-**1406**(C)/OSSSC ତାରିଖ:-22.12.2017.

ଏହାର ଏକକିତା ନକଲ ସ୍ୱତନ୍ତ୍ର କାର୍ଯ୍ୟ ଅଧିକାରୀ(OSD), ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର

ସ୍ମାରକ ସଂଖ୍ୟା-**1407**(C)/OSSSC ତାରିଖ:-22.12.2017.

ଏହାର ଏକକିତା ଲେଖାଏଁ ନକଲ ଯୁଗ୍ମ ସଚିବ, ଅନୁସଚିବ, ହିସାବ ଅଧିକାରୀ, ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ, କୋଷାଧ୍ୟକ୍ଷ, ଗଣ୍ଡାଘର ସହାୟକ, ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱରଙ୍କ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦିଆଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର

ସ୍ମାରକ ସଂଖ୍ୟା-**1408**(C)/OSSSC ତାରିଖ:-22.12.2017.

ଅଧ୍ୟକ୍ଷ ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ଏହାର ଏକକିତା ନକଲ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଦିଆଗଲା ।

ସଚିବ

ଓ ଏସ୍ ଏସ୍ ଏସ୍ ସି, ଭୁବନେଶ୍ୱର